## ଇବ୍ ନଦୀରେ ବୁଡ଼ି ଯୁବକଙ୍କ ମୃତ୍ୟୁ

ସୁନ୍ଦରଗଡ଼,(ଡି.ଏନ୍.ଏ): ସୁନ୍ଦରଗଡ଼ ସଦର ଥାନା ଅନ୍ତର୍ଗତ ବନ୍ଧପାଲି ଗ୍ରାମର ଜଣେ ଯୁବକ ଇବ୍ ନଦୀକୁ ଗାଧୋଇବାକୁ ଯାଇ ପାଣିରେ ବୁଡି ମୃତ୍ୟୁବରଣ କରିଛନ୍ତି। ମୃତ ଯୁବକଙ୍କ ନାମ ଅସୀମ ଓରାମ (୨୦)। ସେ ଗତ ୩ଦିନ ତଳେ ଇବ୍ ନଦୀକୁ ଗାଧୋଇ ଯିବାକୁ କହି ଘରକୁ ଫେରି ନ ଥିଲେ। ପରିବାର ଲୋକେ ତାଙ୍କୁ ବହୁ ଖୋଜାଖୋଜି ପରେ ନ ପାଇ ଥାନାରେ ରିପୋର୍ଟ କରିଥିଲେ । ଶନିବାର ସକାଳେ ଇବ୍ ନଦୀ କୂଳ ପାଣିରେ ତାଙ୍କ ମୃତଦେହ ପଡିଥିବା ଲୋକେ ଦେଖିବାକୁ ପାଇବା ପରେ ପରିବାର ଲୋକେ ପୋଲିସକୁ ଖବର ଦେଇଥିଲେ। ପୋଲିସ ଘଟଣାସ୍ଥଳରେ ପହଞ୍ଚି ମୃତଦେହ ଜବତ କରି ସୁନ୍ଦରଗଡ ଡାକ୍ତରଖାନାକୁ ବ୍ୟବଚ୍ଛେଦ ସକାଶେ ପଠାଇ ଏକ ଅପମୃତ୍ୟୁ ମାମଲା ରୁଜୁ କରିଛି।

**ସଂକ୍ଷେପରେ**

## ଟିପ୍ପରର ଧକ୍କାରେ ସ୍କୁଟି ଆରୋହୀ ମୃତ

ବେଦବ୍ୟାସ, ୨୧।୧୧(ଡି.ଏନ.ଏ.): ସୁନ୍ଦରଗଡ ଜିଲା ବ୍ରାହ୍ମଣୀତରଙ୍ଗ ଥାନା ଅନ୍ତର୍ଗତ ଫାର୍ସାତୋଳା ଗ୍ରାମ ନିକଟରେ ଶନିବାର ସକାଳେ ଟିପ୍ପର ଧକ୍କାରେ ସ୍କୁଟିରେ ଥିବା ଜଣେ ମହିଳାଙ୍କ ମୃତ୍ୟୁ ଘଟିଛି। ମୃତା ଜଣକ ହେଲେ ସାଲୋମି ମୁଣ୍ଡା(୫୦)। ସାଲୋମି ଓ ତାଙ୍କ ସ୍ୱାମୀ ଆମରିଶ ହନୁମାନ ସ୍କୁଟି (ନଂ.ଓଡି୧୪ଏମ୍୨୧୯୮)ରେ କଲୁଙ୍ଗା ଶିଳ୍ପାଞ୍ଚଳରେ ଥିବା କ୍ଷେତକୁ ଯାଉଥିବା ବେଳେ ବିପରୀତ ଦିଗରୁ ଆସୁଥିବା ଟିପ୍ପର(ନଂ. ଓଆର୧୪ କ୍ୟୁ ୯୧୯୬) ତାଙ୍କୁ ଧକ୍କା ଦେଇଥିଲା। ଏଥିରେ ଉଭୟେ ଗାଡିରୁ ଛିଟିକି ପଡି ଗୁରୁତର ହୋଇଥିଲେ। ବ୍ରାହ୍ମଣୀତରଙ୍ଗ ପୋଲିସ ଉଭୟଙ୍କୁ ଉଦ୍ଧାର କରି ରାଉରକେଲା ସରକାରୀ ହସ୍ପିଟାଲକୁ ନେଇଥିଲେ। ହେଲେ ସେଠାରେ ଡାକ୍ତର ସାଲୋମିଙ୍କୁ ମୃତ ଘୋଷଣା କରିଥିଲେ। ପୋଲିସ ଟିପ୍ପର ଓ ସ୍କୁଟିକୁ ଜବତ କରିଛି। ଏ ନେଇ ଥାନାରେ ଏକ ମାମଲା ରୁଜୁ ହୋଇଛି। ମୃତାଙ୍କ ପରିବାରବର୍ଗଙ୍କୁ କ୍ଷତିପୂରଣ ବାବଦରେ ୫୦ହଜାର ଟଙ୍କା ପ୍ରଦାନ କରାଯାଇଛି/ ମୃତଦେହ ବ୍ୟବଚ୍ଛେଦ ପରେ ତାଙ୍କ ପରିବାର ଲୋକଙ୍କୁ ହସ୍ତାନ୍ତର କରାଯାଇଛି।

## ବେଆଇନ ବାଲିଚାଲାଣ ଉପରେ ଚଢ଼ାଉ

ଦେଓଗାଁ, ୨୧।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ଅନ୍ତର୍ଗତ ଜରାସିଂହା ନିକଟ ସୋନଗଡ ନଦୀରୁ ବେଆଇନ ବାଲିଚାଲାଣ ଉପରେ ସ୍ଥାନୀୟ ପୋଲିସ ଚଢ଼ାଉ କରି ୨ଟି ବାଲି ବୋଝେଇ ଟ୍ରାକ୍ଟର ଜବତ କରିଛି । ଜବତ ଟ୍ରାକ୍ଟର ବରକାନୀର ଯୁଗେଶ୍ୱର ମେହେର ଓ ସୁମିତ ଭୋଇଙ୍କର ବୋଲି ପୋଲିସ ସୂଚନା ଦେଇଛି। କିଛିଦିନ ହେଲା ସ୍ଥାନୀୟ ତହସିଲ ପକ୍ଷରୁ ତହସିଲଦାର ନାରାୟଣ ସାହୁ ଓ ରାଜସ୍ୱ ନିରୀକ୍ଷକ ଅଧିର କୁମାର ନାୟକ ବେଆଇନ ବାଲି ଚାଲାଣ ଓ ପଥରକ୍ୱାରୀ ଉପରେ ଚଢ଼ାଉ ଜାରି ରଖିଛନ୍ତି।

## ହେଲ୍‌ମେଟ ପିନ୍ଧିବାକୁ ସଚେତନ କଲା ପୋଲିସ

ଦେଓଗାଁ, ୨୧।୧୧(ଡି.ଏନ.ଏ): ବଲାଙ୍ଗୀର ଜିଲା ଦେଓଗାଁ ଥାନା ପକ୍ଷରୁ ସ୍ଥାନୀୟ ବସ୍‌ଷ୍ଟାଣ୍ଡଠାରେ ଶନିବାର ହେଲମେଟ ଚେକିଙ୍ଗ ତଥା ହେଲମେଟ ପିନ୍ଧିବାକୁ ନେଇ ସଚେତନତା କରାଯାଇଛି। ଥାନାଧିକାରୀ ରଞ୍ଜନ କୁମାର ବରିହାଙ୍କ ନେତୃତ୍ୱରେ ହେଲମେଟ ପିନ୍ଧି ବାଇକ ଚଲାଇବା ପାଇଁ ପ୍ରଥମ ପର୍ଯ୍ୟାୟରେ ସଚେତନ କରାଯାଇଥିଲା। ପରେ ହେଲମେଟ ପିନ୍ଧି ନ ଥିବା ଶତାଧିକ ବାଇକ ଆରୋହୀଙ୍କ କଗଜପତ୍ର ଯାଞ୍ଚ କରି ବିନା ଫାଇନରେ ଛାଡି ଦିଆଯାଇଥିଲା । ଆଗକୁ ହେଲମେଟ ନ ପିନ୍ଧି ଗାଡି ଚଳାଇଲେ ଡ୍ରାଇଭିଂ ଲାଇସେନ୍ସକୁ ରଦ୍ଦ ଓ ଫାଇନ ଆଦାୟ କରାଯିବ ବୋଲି ପୋଲିସ ପକ୍ଷରୁ କୁହାଯାଇଥିଲା।

## କ୍ରିକେଟ ଟୁର୍ନାମେଣ୍ଟ: ସାନମନମୁଣ୍ଡା ବିଜୟୀ

ମନମୁଣ୍ଡା, ୨୧।୧୧ (ଡି.ଏନ.ଏ): ବୌଦ୍ଧ ଜିଲା ବରଗୋଛା ଶ୍ରୀଜଗନ୍ନାଥ ମିନି ଷ୍ଟାଡିୟମଠାରେ ଚାଲିଥିବା ଦ୍ୱିତୀୟ ଜୟ ମାଁ ଦୁର୍ଗା କ୍ରିକେଟ ଟୁର୍ନାମେଣ୍ଟର ଫାଇନାଲ ମ୍ୟାଚ ଶନିବାର ବରଗୋଛା ଏବଂ ସାନମନମୁଣ୍ଡା ମଧ୍ୟରେ ଖେଳା ଯାଇଥିଲା। ତିନିଟି ଫର୍ମାଟରେ ଖେଳଯାଇଥିବା ଏହି ମ୍ୟାଚରେ ସାନମନମୁଣ୍ଡା ଦଳ ବିଜୟୀ ହୋଇଥିଲା । ମ୍ୟାନ ଅଫ୍ ଦି ମ୍ୟାଚଭାବେ ସାନମନମୁଣ୍ଡା ଦଳର ଅଲୋକ, ମ୍ୟାନ ଅଫ୍ ଦି ସିରିଜ ବରଗୋଛାର ଅମିୟରଞ୍ଜନ ମଲ୍ଲିକ ହୋଇଥିଲେ। ପୁରସ୍କାର ବିତରଣ ଉତ୍ସବରେ ମୁଖ୍ୟଅତିଥି ଭାବେ ବିଜୁ କୃଷକ ଜନତା ଦଳ ବୌଦ୍ଧ ଜିଲା ସଭାପତି ଶାନ୍ତନୁ ଥାଟି, ସମ୍ମାନୀତ ଅତିଥି ତନ୍ମୟ କୁମାର ସାହୁ, ଜିତେନ୍ଦ୍ର ଦନ୍ତା, ଅବିନାଶ ସାହୁ ଯୋଗଦେଇଥିଲେ।

## ନିର୍ମାଣାଧୀନ ଗୋଷ୍ଠୀ ଶୌଚାଳୟ ଭାଙ୍ଗିଦେଲେ ଦୁର୍ବୃତ୍ତ

ଘଣ୍ଟାପଡା, ୨୧।୧୧ (ଡି.ଏନ.ଏ): ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଜଳ ଓ ପରିମଳ ବିଭାଗ ଏବଂ ଘଣ୍ଟାପଡା ସେବା ସମବାୟ ସମିତି ତରଫରୁ ନିର୍ମାଣାଧୀନ ଗୋଷ୍ଠୀ ଶୌଚାଳୟକୁ ଶୁକ୍ରବାର ରାତିରେ କେହି ଭାଙ୍ଗି ଦେଇଛି। ଏହା ଜଳ ଓ ପରିମଳ ବିଭାଗ ତରଫରୁ ୨ ଲକ୍ଷ ୧୦ ହଜାର ଓ ସମବାୟ ସମିତି ତରଫରୁ ୯୦ହଜାର ଏହିପରି ୩ ଲକ୍ଷ ଟଙ୍କା ବ୍ୟୟରେ ଶୌଚାଳୟ ନିର୍ମିତ ହୋଇଥିଲା। ସମବାୟ ସମ୍ପାଦକ କର୍ଣ୍ଣ ରଣା କହିଛନ୍ତି ଯେ, ପରିମଳ ବିଭାଗ ସହିତ କଥାବାର୍ତ୍ତା ପରେ ଥାନାରେ ଏତଲା ଦିଆଯିବ ।

# ଧରାପଡ଼ିଲା ଧାନ ଚୋରାଚାଲାଣ

ବରଗଡ଼ ଅଫିସ୍/ଅତାବିରା,୨୧।୧୧

ବରଗଡ଼ ଜିଲାରେ ଧାନ କିଣାବିକାରେ ଚାଲିଥିବା ଫଲ୍ସ ଏଣ୍ଟ୍ରି ସାମ୍ନାକୁ ଆସିଛି। ଶନିବାର ବୌଦ୍ଧ ଜିଲାରୁ ଆସୁଥିବା ଏକ ଧାନ ବୋଝେଇ ଟ୍ରକ ବରଗଡ଼ ଜିଲା ଭେଡ଼େନ ବ୍ଲକ ଅନ୍ତର୍ଗତ ଡୁରୁମରେ ଧରାପଡ଼ିଛି। ଉପଜିଲାପାଳ ପ୍ରଭାସ ଦଣ୍ଡସନା, ଏସ୍‌ଡ଼ିପିଓ ଦୀପକ କୁମାର ଗୋଛାୟତ, ଭେଡ଼େନ ତହସିଲଦାର ଅନୀଲ କୁମାର ହୋତା, ଭେଡ଼େନ ଥାନାଧିକାରୀ ହେମନ୍ତ କୁମାର ରାଓ, ଯୋଗାଣ ନିରୀକ୍ଷକ ବିଶ୍ୱ ରଞ୍ଜନ ସାହୁ ପ୍ରମୁଖ ଘଟଣାସ୍ଥଳକୁ ପହଞ୍ଚି ତଦନ୍ତ କରିଛନ୍ତି। ସେହିପରି ଜବତ ଧାନକୁ ମହୁଲେର ଏକ ରାଇସ୍ ମିଲକୁ ଆଣି ରଖାଯାଇଛି। ଜବତ ଧାନର ପରିମାଣ ୧୮୬ କୁଇଣ୍ଟାଲ। ଏ ନେଇ ଅଧିକ ତଦନ୍ତ ଚାଲିଛି ବୋଲି ଯୋଗାଣ ନିରୀକ୍ଷକ ସାହୁ କହିଛନ୍ତି । ପ୍ରକାଶ ଯେ, ବୌଦ୍ଧ ଜିଲାରୁ ୨ଟି ଧାନ ବୋଝେଇ ଟ୍ରକ୍ ଡୁରୁମକୁ ଆସି ଏକ ଗୋଦାମ ପଛପଟେ ଅନ୍ୟ ଟ୍ରାକ୍ଟର ଯୋଗେ ଅନ୍‌ଲୋଡ଼ ହେଉଥିଲା। ଖବର ପାଇ ସରକାରୀ ଅଧିକାରୀମାନେ ସେଠାକୁ ପହଞ୍ଚିଥିଲେ। ତେବେ ସେତେବେଳକୁ କିଛି ଧାନ ଟ୍ରାକ୍ଟର ଯୋଗେ ମହୁଲପାଲିକୁ ନିଆଯାଇସାରିଥିଲା। ଅଧିକାରୀମାନେ ସେଠାକୁ ଯାଇ ତଦନ୍ତ କରିଥିବା ଜଣାପଡିଛି।


ଘଟଣାସ୍ଥଳରେ ଅଧିକାରୀମାନେ ତଦନ୍ତ କରୁଛନ୍ତି।

**ବୌଦ୍ଧରୁ ଆସୁଥିଲା ବରଗଡ଼**

# କନ୍ୟାପାତ୍ର ଯୋଗାଡ ନାଁରେ ୭୦ ହଜାର ଠକେଇ

ବଲାଙ୍ଗୀର ଅଫିସ, ୨୧।୧୧

କନ୍ୟାପାତ୍ର ଯୋଗାଡ ନାଁରେ ଉତ୍ତରପ୍ରଦେଶର ୨ ଯୁବକ ଠକାମୀର ଶିକାର ହୋଇଥିବା ବଲାଙ୍ଗୀର ଟାଉନ ଥାନାରେ ଅଭିଯୋଗ ହୋଇଛି। ଅଭିଯୁକ୍ତ ଯୁବକ ଏ ବାବଦରେ ସେମାନଙ୍କଠାରୁ ୭୦ ହଜାର ଟଙ୍କା ଲୁଟି ନେଇଛନ୍ତି । ସମ୍ପୃକ୍ତ ଯୁବକ ଫେରାର ଅଛନ୍ତି। ଏ ନେଇ ଶନିବାର ବଲାଙ୍ଗୀର ଟାଉନ୍ ଥାନାରେ ମାମଲା (ନଂ.୫୦୬/୨୦) ରୁଜୁ ହେବା ପରେ ପୋଲିସ ତଦନ୍ତ ଆରମ୍ଭ କରିଛି। ମିଳିଥିବା ସୂଚନା ଅନୁଯାୟୀ, କିଛିବର୍ଷ ତଳେ ବଲାଙ୍ଗୀରର ଦୀପକ ମିଶ୍ର ନାମକ ଜଣେ ଯୁବକ ଉତ୍ତର ପ୍ରଦେଶର ଜଣେ ଯୁବକଙ୍କ ସହ ଜିଲାର ଜଣେ ଯୁବତୀଙ୍କ ବିବାହ କରାଇଥିଲେ । ଏହି ଖବର ଜାଣିବା ପରେ ଉତ୍ତରପ୍ରଦେଶ ଲଳିତପୁର ଗ୍ରାମର ୨ ଯୁବକ କିଶୋରୀଲାଲ ପାଲ ଓ ଶ୍ରୀରାଜଭର ପାଲ ସେମାନଙ୍କ ବିବାହ ପାଇଁ ୨ ଯୁବତୀ ଯୋଗାଡ କରିଦେବାକୁ ଦୀପକଙ୍କ ସହ ଯୋଗାଯୋଗ କରିଥିଲେ । ଦୀପକ ମଧ୍ୟ ଯୁବତୀ ଠିକ୍ କରିଦେବେ କହି ସେମାନଙ୍କୁ ବଲାଙ୍ଗୀର ଡାକିଥିଲେ । ଗତ ୪ ଦିନ ତଳେ କିଶୋରୀଲାଲ ଓ ଶ୍ରୀରାଜଭର ବଲାଙ୍ଗୀର ଆସି ଦୀପକଙ୍କୁ ଭେଟିଥିଲେ । ଦୀପକ ଜଣେ ଯୁବତୀଙ୍କୁ ଡାକି ସେମାନଙ୍କୁ ଦେଖାଇବା ସହ ବିବାହ ସଂକ୍ରାନ୍ତରେ କଥାବାର୍ତ୍ତା କରିଥିଲେ। ଅନ୍ୟ ଏକ ଝିଅ ଯୋଗାଡ କରିଦେବି ବୋଲି ପ୍ରତିଶ୍ରୁତି ଦେଇ ସେମାନଙ୍କ ଠାରୁ ୭୦ ହଜାର ଟଙ୍କା ନେଇଥିଲେ । ତେବେ ଟଙ୍କା ନେବା ପରେ ଦୀପକଙ୍କ ସହ ଉଭୟ ଯୁବକଙ୍କ ଆଉ ଯୋଗାଯୋଗ ହୋଇପାରି ନ ଥିଲା । ଏହାପରେ ସମ୍ପୃକ୍ତ ଦୁଇ ଯୁବକ ଶନିବାର ଟାଉନ୍ ଥାନାକୁ ଆସି ଅଭିଯୋଗ କରିଥିଲେ । ପୋଲିସ ମାମଲା ରୁଜୁ କରି ତଦନ୍ତ ଆରମ୍ଭ କରିଛି। ନିଜକୁ ଦୀପକ ମିଶ୍ର ଭାବେ ପରିଚୟ ଦେଇ ଠକେଇ କରିଥିବା ସେହି ଯୁବକ ନିଜର ମିଛ ପରିଚୟ ଦେଇ ଥିବା ପୋଲିସ ଅନୁମାନ କରୁଛି । ଏନେଇ ତଦନ୍ତ ଜାରି ରହିଛି ବୋଲି ଟାଉନ୍ ଥାନା ଅଧିକାରୀ ସଂଗ୍ରାମ ପଟ୍ଟନାୟକ କହିଛନ୍ତି । ବିବାହ ନାଁରେ ରାଜ୍ୟ ବାହାରକୁ ଯୁବତୀ ଚାଲାଣ କରାଯାଉଛି। ବଲାଙ୍ଗୀର ଜିଲାରେ ଏହି ର୍ୟାକେଟ୍ ସକ୍ରିୟ ଥିବା ଏକାଧିକ ଖବର ବିଭିନ୍ନ ସମୟରେ ଗଣମାଧ୍ୟମରେ ପ୍ରକାଶ ପାଇଛି । ଏବେ ପୁଣି ଥରେ ଜିଲାରେ ଯୁବତୀ ଚାଲାଣ ର୍ୟାକେଟ୍ ଚଳଚଞ୍ଚଳ ହୋଇଥିବା ଏହି ଘଟଣାରୁ ସ୍ପଷ୍ଟ ହୋଇଛି । ଏ ସଂକ୍ରାନ୍ତରେ ପୋଲିସ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସାଧାରଣରେ ମତ ପ୍ରକାଶ ପାଇଛି ।


ଉଦେପୁର ଜଗନ୍ନାଥ ମନ୍ଦିର ପ୍ରାଙ୍ଗଣରେ ଗ୍ରାମବାସୀ ଓ ପ୍ରଶାସନିକ ଅଧିକାରୀଙ୍କ ମଧ୍ୟରେ ଆଲୋଚନା।

# ପ୍ରଶାସନିକ ତଦନ୍ତ ଆରମ୍ଭ

ଅତାବିରା, ୨୧।୧୧ (ଡି.ଏନ.ଏ)

**ଜଗନ୍ନାଥ ମନ୍ଦିର ଜମିକୁ ନେଇ ଗଣ୍ଡଗୋଳ ଘଟଣା**

ବରଗଡ ଜିଲା ଭେଡେନ ଥାନା ତଥା ରୁଗୁଡା ଫାଣ୍ଡି ଅଧୀନ ଉଦେପୁର ଜଗନ୍ନାଥ ମନ୍ଦିର ଜମିକୁ ନେଇ ଗଣ୍ଡଗୋଳ ଘଟଣାରେ ପ୍ରଶାସନିକ ତଦନ୍ତ ଆରମ୍ଭ ହୋଇଛି। ଶନିବାର ବରଗଡ ଏସ୍‌ଡିପିଓ ଦୀପକ ଗୋଛାୟତ, ଭେଡେନ ତହସିଲଦାର ଅନୀଲ ହୋତା, ଅତାବିରା ଥାନା ଆଇଆଇସି ହେମନ୍ତ କୁମାର ରାଓ, ଫାଣ୍ଡି ଅଧିକାରୀ ଗଣେଷ କଲେତ ପ୍ରମୁଖ ଉଦେପୁର ଗ୍ରାମକୁ ପହଞ୍ଚି ତଦନ୍ତ କରିଛନ୍ତି। ଏହି ସମୟରେ ଗ୍ରାମର ଶତାଧିକ ମହିଳା ପୁରୁଷ ଏକତ୍ରିତ ହୋଇ ବାରମ୍ବାର ମହାପ୍ରଭୁଙ୍କ ଜମିକୁ ନେଇ ଗଣ୍ଡଗୋଳ ହେଉଥିବାରୁ ଏହାର ସମାଧାନ କରିବା ସହିତ ଦୋଷୀଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବା ପାଇଁ ଦାବି କରିଥିଲେ। ଗଣ୍ଡଗୋଳ ପରେ ଗ୍ରାମର ପରୀକ୍ଷିତ ପୁରୋହିତ ଓ ଅରୁଣ ପାତ୍ରଙ୍କ ପରିବାର ଲୋକେ ଫେରାର ଅଛନ୍ତି। ତେଣୁ ଆଇନଶୃଙ୍ଖଳା ପରିସ୍ଥିତି ଦୃଷ୍ଟିରୁ ସେମାନଙ୍କ ଘର ଫାଟକରେ ଅଧିକାରୀମାନେ ତାଲା ପକାଇଥିବା ଜଣାପଡିଛି। ଅନ୍ୟପକ୍ଷେ ଶନିବାର ସକାଳେ ଗ୍ରାମବାସୀ ଜଣେ ପଣ୍ଡିତଙ୍କୁ ଆଣି ଜଗନ୍ନାଥ ମନ୍ଦିରରେ ପୂଜାର୍ଚ୍ଚନା କରିଛନ୍ତି। ଏ ବିଷୟରେ ତହସିଲଦାର ଅନୀଲ ହୋତାଙ୍କୁ ପଚରାଯିବାରୁ ଏହି ବିବାଦକୁ ନେଇ ତଦନ୍ତ ଚାଲିଥିବା କହିଥିଲେ। ସେହିପରି ବିନା ରେକର୍ଡରେ ଅରୁଣ ପାତ୍ର ଉକ୍ତ ଜମିକୁ ନିଜର ଦର୍ଶାଇ ଗଣ୍ଡଗୋଳ କରୁଛନ୍ତି ବୋଲି ଦେବୋଦତ୍ତ ଅଧିକାରୀ ଭବାନୀ ମହାପାତ୍ର କହିଛନ୍ତି। ୪ ଏକର ୭୨ ଡେସିମିଲ ଜମି ମହାପ୍ରଭୁଙ୍କ ନାମରେ ରେକର୍ଡ ରହିଥିବା ଦେଶଭଟିଲି ଆର୍‌ଆଇ ରଙ୍କମଣି ଲୁହା ମତ ଦେଇଛନ୍ତି ।

# ପିଆଇସିଏଲ୍ ଜମାକାରୀଙ୍କ ଟଙ୍କା ଫେରସ୍ତ ଦାବି

ଲୋଇସିଂହା,୨୧।୧୧(ଡି.ଏନ.ଏ)

ପିଆଇସିଲ ଚିଟ୍‌ଫଣ୍ଡ ଠକେଇରେ ବଲାଙ୍ଗୀର ଜିଲା ସମେତ ପଶ୍ଚିମଓଡିଶାର ବିଭିନ୍ନ ଜିଲାର ଜମାକାରୀ ଠକେଇର ଶିକାର ହୋଇଛନ୍ତି। ୨୦୧୯ ମସିହାରେ ଠକେଇ ଅଭିଯୋଗ ପରେ ବଲାଙ୍ଗୀର ପୋଲିସ ଏକ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ହୁତାସନ ଯାଦବଙ୍କୁ ଗିରଫ କରିଛି । ଅନ୍ୟ ଅଭିଯୁକ୍ତମାନେ ଇତ୍ୟବସରେ ଖସି ଯିବାକୁ ଉଦ୍ୟମ ଚଳାଇଥିବା ବେଳେ ଜମାକାରୀ ଟଙ୍କା ପାଇ ନାହାନ୍ତି। ବଲାଙ୍ଗୀରଠାରେ ପିଆଇସିଏଲ ଏକ ଘରୋଇ ସଂସ୍ଥା ଖୋଲି ଜମାକାରୀଙ୍କଠାରୁ ଟଙ୍କା ଅସୁଲ କରିଥିଲା। ଏଜେଣ୍ଟମାନେ ସାଢେ ୩ ବର୍ଷରେ ଟଙ୍କା ଦ୍ୱିଗୁଣିତ ହେବ କହି ଜମାକାରୀଙ୍କୁ ପ୍ରଲୋଭିତ କରି ଖାତା ଖୋଲି ଟଙ୍କା ନେଇଥିଲେ। ମିଆଦ ପୁରିଲା ପରେ ଏଜେଣ୍ଟ କିମ୍ବା ସଂସ୍ଥା ଜମାକାରୀଙ୍କୁ ଧରାଛୁଆଁ ଦେଇ ନ ଥିଲେ। ଏହାପରେ ଲୋଇସିଂହା ଥାନା ଅନ୍ତର୍ଗତ ପିପିଲିପାଲି ଗାଁର ସୀତାରାମ ପଧାନ ଓ ଛେଲବାହାଲର ପୂର୍ଣ୍ଣଚନ୍ଦ୍ର ପଧାନ ୨୦୧୯ ମେ ୧୭ତାରିଖରେ ଏ ନେଇ ଥାନାରେ ଅଭିଯୋଗ କରିଥିଲେ। ବଲାଙ୍ଗୀର ପୋଲିସ ଏକ ମାମଲା ରୁଜୁ କରି ମୁଖ୍ୟ ଅଭିଯୁକ୍ତ ଯାଦବଙ୍କୁ ଗିରଫ କରି ଚୁପ୍ ହୋଇ ବସିଛି । ଠକେଇରେ ସାମିଲ ଅନ୍ୟ ଅଭିଯୁକ୍ତମାନଙ୍କୁ ଖସାଇ ଦେବାକୁ ଉଦ୍ୟମ ଚାଲିଥିବା ଅଭିଯୋଗକାରୀ ସୀତାରମ ଓ ପୂର୍ଣ୍ଣଚନ୍ଦ୍ର ଅଭିଯୋଗ କରିଛନ୍ତି। ଅଭିଯୁକ୍ତମାନଙ୍କୁ ଆଇନ ଅନୁଯାୟୀ ଦଣ୍ଡିତ କରିବାକୁ ସେମାନେ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି ।

# ନାବାଳିକାଙ୍କୁ ବଳାତ୍କାର, ଅଭିଯୁକ୍ତ ଗିରଫ

ଲୋଇସିଂହା,୨୧।୧୧(ଡି.ଏନ.ଏ)


ଗିରଫ ଅଭିଯୁକ୍ତ।

ବଲାଙ୍ଗୀର ଜିଲା ଲୋଇସିଂହା ଥାନା ତଥା ଆଗଲପୁର ବ୍ଲକ ଅଞ୍ଚଳର ଜଣେ ନାବାଳିକା ବଳାତ୍କାରର ଶିକାର ହୋଇଥିବା ଥାନାରେ ଅଭିଯୋଗ ହୋଇଛି। ପୀଡିତାଙ୍କ ଅଭିଯୋଗକୁ ଭିତ୍ତି କରି ଦଫା ୩୭୬, ୪୫୨, ୫୦୬ ଏବଂ ପୋକ୍‌ସୋ ଆକ୍ଟରେ ଏକ ମାମଲା(ନଂ. ୩୨୩/୨୦) ରୁଜୁ ହୋଇଛି। ଅଭିଯୁକ୍ତ ରାଜେନ୍ଦ୍ର ସେଠ(୩୧)ଙ୍କୁ ଗିରଫ କରି ଶନିବାର କୋର୍ଟଚାଲାଣ କରାଯାଇଥିଲା। ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଆଇଆଇସି ଲଳିତା ଲାକ୍ରା ପ୍ରକାଶ କରିଛନ୍ତି ।

ପୋଲିସ ସୂଚନା ଅନୁଯାୟୀ, ଗତ ଗୁରୁବାର ନାବାଳିକାଙ୍କ ପରିବାର ଲୋକେ କ୍ଷେତକୁ ଯାଇଥିବାବେଳେ ସେ ଘରେ ଏକୁଟିଆ ଥିଲେ । ଏହାର ସୁଯୋଗ ନେଇ ସେହି ଗ୍ରାମର ରାଜେନ୍ଦ୍ର ଘରେ ପଶି ତାଙ୍କୁ ଜୋର ଜବରଦସ୍ତି ବଳାତ୍କାର କରିଥିଲେ । ଏ ସମ୍ପର୍କରେ କାହାକୁ ଜଣାଇଲେ ଜୀବନରେ ମାରିଦେବାକୁ ଧମକ ଦେଇ ଅଭିଯୁକ୍ତ ସେଠାରୁ ପଳାଇ ଯାଇଥିଲେ। ସନ୍ଧ୍ୟାରେ ପରିବାର ଲୋକେ ଘରକୁ ଫେରିବା ପରେ ନାବାଳିକା ଜଣକ ଘଟଣା ସମ୍ପର୍କରେ ଜଣାଇଥିଲେ। ଶୁକ୍ରବାର ପୀଡିତା ପରିବାର ଲୋକଙ୍କ ସହ ଲୋଇସିଂହା ଥାନାକୁ ଆସି ଲିଖିତ ଅଭିଯୋଗ କରିଥିଲେ । ପୀଡିତା ଓ ଅଭିଯୁକ୍ତଙ୍କ ଡାକ୍ତରୀମାଇନା ପରେ ଶନିବାର ରାଜେନ୍ଦ୍ରଙ୍କୁ କୋର୍ଟଚାଲାଣ କରାଯାଇଥିଲା।

# ଅମୃତ ଧାରା ପ୍ରକଳ୍ପ ଉଦ୍‌ଘାଟିତ

ଖପ୍ରାଖୋଲ, ୨୧।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ ଚଙ୍ଗରିଆ ପଞ୍ଚାୟତ ଅନ୍ତର୍ଗତ ପାଂଚ ଛକଠାରେ ଶନିବାର ଅମୃତ ଧାରା ଉଦ୍‌ଘାଟିତ ହୋଇଯାଇଛି। ବିଜୁ କେବିକେ ଯୋଜନା ଅନ୍ତର୍ଭୁକ୍ତ ୫ଲକ୍ଷ ଟଙ୍କା ବ୍ୟୟବରାଦରେ ନିର୍ମିତ ପ୍ରକଳ୍ପକୁ ଏମ୍‌ପି ସଙ୍ଗୀତା କୁମାରୀ ସିଂ ଦେଓ ମୁଖ୍ୟ ଅତିଥିଭାବେ ଯୋଗଦେଇ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ପୂର୍ବତନ ବିଧାୟକ କନକବର୍ଦ୍ଧନ ସିଂଦେଓ, ଜିଲା ପରିଷଦ ସଭ୍ୟା ଜ୍ୟୋତ୍ସ୍ନାମୟୀ ସାହୁ, ସ୍ଥାନୀୟ ସରପଞ୍ଚ ଶ୍ରୀମତୀ ଧରୁଆ, ପୂର୍ବତନ ଜିଲା ପରିଷଦ ସଭ୍ୟ କରମ ସରାଫ୍ ପ୍ରମୁଖ ଯୋଗଦେଇଥିଲେ। ଏହି ଅବସରରେ ପାଟଣେଶ୍ୱରୀ ମହାବିଦ୍ୟାଳୟ ପରିସରରେ କରୋନା ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ସୁଶୀଲ କୁମାର ଗୁରୁଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମକୁ ମହାବିଦ୍ୟାଳୟ ଅଧ୍ୟକ୍ଷ କ୍ଷୀରୋଦ୍ର କୁମାର ଷଡଙ୍ଗୀ ପରିଚାଳନା କରିଥିଲେ। ଅନ୍ୟ ମାନଙ୍କ ମଧ୍ୟରେ ରବି ସାହୁ, ପ୍ରବୋଧାନନ୍ଦ ପାଣିଗ୍ରାହୀ, ମଣ୍ଟୁ ଯୋଶୀ, ଆଲୋକ ପାଣିଗ୍ରାହୀ, ମାଣିକ୍ୟ ସାହୁ ପ୍ରମୁଖ ଉପସ୍ଥିତ ଥିଲେ।

# ବୌଦ୍ଧ ଜିଲା ବାଜା ସଂଘ ଗଠିତ

ମନମୁଣ୍ଡା, ୨୧।୧୧ (ଡି.ଏନ.ଏ)

ବୌଦ୍ଧ ଜିଲାର ଗୁଡୁଗୁଡା ହାଟପଦାଠାରେ ଶନିବାର ଜିଲା ବାଜା ମାଲିକ ସଂଘ ଗଠନ ପାଇଁ ଏକ ବୈଠକ ଅନୁଷ୍ଠିତ ହୋଇଥିଲା। ଏଥିରେ ବୌଦ୍ଧ ଜିଲାର ତିନୋଟି ବ୍ଲକର ବାଜା ମାଲିକମାନେ ଉପସ୍ଥିତ ରହି ନୂତନ ଭାବେ ବୌଦ୍ଧ ଜିଲା ବାଜା ମାଲିକ ସଂଘ ଗଠନ କରିଥିଲେ। ସର୍ବସମ୍ମତିକ୍ରମେ ସଂଘର ସଭାପତି ଭାବେ ସୁଶୀଲ କୁମାର ମେହେର, ଉପସଭାପତି ସଲିମ ବେହେରା, ସମ୍ପାଦକ ପ୍ରଶ୍ନାଜିତ ସାମଲ, ସହ ସମ୍ପାଦକ ନାରାୟଣ ଥନାପତି, କୋଷାଧକ୍ଷ ଭାବେ ଦିବାକର ବଘାର ମନୋନୀତ ହୋଇଥିଲେ । ପୁରନ୍ଦର ଠେଲା, ତ୍ରିଶୁଳ ବେହେରା, ଅର୍ଜୁନ ମେହେରଙ୍କୁ ନେଇ ଉପଦେଷ୍ଟା ମଣ୍ଡଳୀ ଗଠନ କରାଯାଇଛି । ଏଥିରେ ପଶ୍ଚିମ ଓଡିଶା ବାଜା ମାଲିକ ସଂଘର ସଦସ୍ୟ ସୁଶୀଲ ମେହେର ଉପସ୍ଥିତ ଥିଲେ।

# ଧାନକ୍ରୟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ନିର୍ଦ୍ଦେଶ


ଦେଓଗାଁ ପ୍ୟାକ୍ସ ପରିଦର୍ଶନ ଅବସରରେ ଜିଲାପାଳ ଚଞ୍ଚଳ ରାଣା।

ଦେଓଗାଁ, ୨୧।୧୧(ଡି.ଏନ.ଏ)

ବଲାଙ୍ଗୀର ଜିଲା ଦେଓଗାଁ କୃଷିସେବା ସମବାୟ ସମିତିକୁ ଶନିବାର ଜିଲାପାଳ ଚଞ୍ଚଳ ରାଣା ପରିଦର୍ଶନ କରିଥିଲେ। ଖରିଫ ଧାନକ୍ରୟ ପ୍ରକ୍ରିୟା ତ୍ୱରାନ୍ୱିତ କରିବାକୁ ସେ ନିର୍ଦ୍ଦେଶ ଦେଇଥିଲେ। ଏଥିସହ ଟୋକନ ବ୍ୟବସ୍ଥା କରି ଚାଷୀଙ୍କୁ ସମସ୍ତ ସୂଚନା ଯୋଗାଇ ଦେବାକୁ ତାଗିଦ୍ କରିଥିଲେ। ଗସ୍ତକାଳରେ ଦେଓଗାଁ ମୁଖ୍ୟାଳୟ ଜାତୀୟ ରାଜପଥ ପାର୍ଶ୍ୱରେ ଥିବା ପ୍ୟାକ୍ସର ଅବ୍ୟବସ୍ଥା ଦେଖି ଜିଲାପାଳ ବିରକ୍ତି ପ୍ରକାଶ କରିଥିଲେ। ବାର୍ଷିକ ହାରାହାରି ୧୦ଲକ୍ଷ ଟଙ୍କା ଧାନକ୍ରୟରୁ କମିଶନ ଆକାରରେ ଆୟ ହେଉଥିଲେ ହେଁ ଗୋଦାମ ଗୃହ, ପାନୀୟ ଜଳ ବ୍ୟବସ୍ଥା, ଶୌଚାଳୟ ଆଦି ନିର୍ମାଣ କାହିଁକି କରାଯାଉନାହିଁ ବୋଲି ସେ ପ୍ରଶ୍ନ କରିଥିଲେ। କାଳବିଳମ୍ୱ ନ କରି ତୁରନ୍ତ ଏ ଦିଗରେ କାର୍ଯ୍ୟାରମ୍ଭ କରିବା ପାଇଁ କହିଥିଲେ। ୭ଦିନ ମଧ୍ୟରେ ପ୍ୟାକ୍ସ ପରିସର ସଫାସୁତୁରା ସହ ପରିଶ୍ରାଗାର, ପାଇଖାନା ନିର୍ମାଣ କରିବା ପାଇଁ ସମ୍ପାଦକ ରଘୁମଣି ବାରିକଙ୍କୁ କହିଥିଲେ। ଧାନର ଏଫଏକ୍ୟୁ ମାନ ନିର୍ଦ୍ଧାରଣ ପାଇଁ ଯେଉଁମାନେ ନିଯୁକ୍ତ ହୋଇଛନ୍ତି ସେମାନଙ୍କୁ କାର୍ଯ୍ୟରେ ସଜାଗ ରହିବା ପାଇଁ ବିଭାଗୀୟ ଅଧିକାରୀଙ୍କୁ କହିଥିଲେ। ଏହି ଅବସରରେ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ଦିଲୀପ ପାତ୍ର, ଦେଓଗାଁ ଯୋଗାଣ ନିରୀକ୍ଷକ, ପ୍ରଶାନ୍ତ କୁମାର ପ୍ରଧାନ ଓ ସଇଁନ୍ତଲା ବ୍ଲକ ଯୋଗାଣ ନିରୀକ୍ଷକ ନଳିନୀକାନ୍ତ ପାଲ ପ୍ରମୁଖ ଉପସ୍ଥିତ ଥିଲେ।

# ନବନିର୍ମାଣ କୃଷକ ସଙ୍ଗଠନର ଏକତା ସମାବେଶ

ପଲମ, ୨୧।୧୧(ଡି.ଏନ.ଏ.)

କଳାହାଣ୍ଡି ଜିଲା ମଦନପୁର ରାମପୁର ବ୍ଲକ ଅଧୀନସ୍ଥ ବମକ ପଞ୍ଚାୟତସ୍ଥିତ ବମକ ସରକାରୀ ଉଚ୍ଚ ବିଦ୍ୟାଳୟଠାରେ ନବ ନିର୍ମାଣ କୃଷକ ସଙ୍ଗଠନର କୃଷକ ଏକତା ସମାବେଶ ଅନୁଷ୍ଠିତ ହୋଇଯାଇଛି। କରୋନା କଟକଣାର ସମସ୍ତ ନିୟମକୁ ପାଳନକରି ଏହି କାର୍ଯ୍ୟକ୍ରମ ଆରମ୍ଭ କରାଯାଇଥିଲା। କୃଷକମାରଣ ନୀତିକୁ ସମାବେଶରେ ନିନ୍ଦା କରାଯାଇଥିଲା। ମିଲର୍ସ, କେତେଜଣ ଅସାଧୁ କର୍ମଚାରୀ, ଦଲାଲମାନେ ମିଶି ଚାଷୀଙ୍କୁ ନିଜର ହକ ପାଇବାରୁ ବଞ୍ଚିତ କରୁଛନ୍ତି। ଏହାକୁ ନିନ୍ଦା କରି ସେମାନଙ୍କ ବିରୋଧରେ ଦୃଢ ପଦକ୍ଷେପ ନେବା ପାଇଁ କୃଷକ ସଙ୍ଗଠନର ରାଜ୍ୟ ସଂଯୋଜକ ଶେଷଦେବ ନନ୍ଦ ମତଦେଇଥିଲେ। ଚାଷୀ ଏକତ୍ରିତ ହୋଇ ସଂଗ୍ରାମ ନ କଲେ ଏହି ଦୁର୍ନୀତି ହଟିପାରିବ ନାହିଁ ବୋଲି ନବ ନିର୍ମାଣ କୃଷକ ସଂଘର କମିଟି ସଦସ୍ୟ ଶୁଭେନ୍ଦୁ ଶେଖର ମଲ୍ଲିକ କହିଥିଲେ। ସମାବେଶରେ ନର୍ଲାର ପୂର୍ବତନ ବିଧାୟକ ଧନେଶ୍ୱର ମାଝି, ଯୁବ ନେତା ପୁଷ୍ପେନ୍ଦ୍ର ସିଂଦେଓ, ସମାଜସେବୀ ମନୋଜ ପଟ୍ଟନାୟକ, ପ୍ରଶାନ୍ତ ସାମନ୍ତରାୟ, ନାରୀ ନେତ୍ରୀ ପଙ୍କଜିନୀ ନାଏକ, ବମକର ପୂର୍ବତନ ସରପଞ୍ଚ ସନ୍ତୋଷିନୀ ସାହୁ, ସମିତି ସଭ୍ୟ ତ୍ରିଲୋଚନ ବଗର୍ତ୍ତୀ, ଖୁସିରାମ ସାହୁ, ବୁଦ୍ଧିରାମ ସାହୁ, ସମାଜସେବୀ ତଥା ଆଇନଜୀବୀ ସତ୍ୟନାରାୟଣ ସାହୁ ମଞ୍ଚାସୀନ ଥିଲେ। ଡ଼ୋଳାମଣି ସାହୁ ସଭାର ଆୟୋଜକ କାର୍ଯ୍ୟକରି ସମସ୍ତଙ୍କୁ ଧନ୍ୟବାଦ ଦେଇଥିଲେ। ନର୍ଲା, ମ.ରାମପୁର, କର୍ଲାମୁଣ୍ଡା ବ୍ଲକର ଚାଷୀମାନେ ଯୋଗଦେଇଥିଲେ।

# ତିନି ବର୍ଷ ବିତିଲା, ଇନ୍‌ଟେକ୍ ୱେଲ କାମ ଅସମ୍ପୂର୍ଣ୍ଣ

କେସିଙ୍ଗା, ୨୧।୧୧ (ଡି.ଏନ.ଏ)


ନିର୍ମାଣାଧୀନ ନୂତନ ଇନ୍‌ଟେକ୍ ୱେଲ।

କଳାହାଣ୍ଡି ଜିଲା କେସିଙ୍ଗା ଜନସ୍ୱାସ୍ଥ୍ୟ ଅନୁଖଣ୍ଡ ଦ୍ୱାରା ସହରଠାରୁ ଦୁଇ କିମି ଦୂର ତେଲ ନଦୀରେ ଏକ ଇନଟେକ୍ ୱେଲ ନିର୍ମାଣ ଚାଲିଛି । ୩ବର୍ଷ ବିତିଯିବା ପରେବି ଏହି ୱେଲ ନିର୍ମାଣ କାମ ଶେଷ ହୋଇନାହିଁ। ବହୁବର୍ଷ ତଳେ ସେଠାରେ ଇନଟେକ୍ ୱେଲ ନିର୍ମାଣ ହୋଇଥିଲା। ବର୍ଷା ଜଳ ଓ ତେଲ ନଦୀର ସ୍ରୋତରେ ପମ୍ପ ହାଉସ ଏବଂ ଇନଟେନ୍ ୱେଲ ଚତୁଃପାର୍ଶ୍ୱ ଧୋଇ ହୋଇ କିଛି ଅଂଶ ନଷ୍ଟ ହେବାରେ ଲାଗିଛି। ଜଳସ୍ରୋତରେ ତାହା ସମ୍ପୂର୍ଣ୍ଣ ନଷ୍ଟ ହେଲେ କେସିଙ୍ଗା ସହରବାସୀ ପାନୀୟ ଜଳ ପାଇଁ ଅସୁବିଧାର ସମ୍ମୁଖୀନ ହେବା ଆଶଙ୍କା କରି ଜନସ୍ୱାସ୍ଥ୍ୟ ଅନୁଖଣ୍ଡ ବିଭାଗ ପକ୍ଷରୁ ଜାଗା ନିରୂପଣ କରି ରାଜ୍ୟ ସରକାରଙ୍କ ନିକଟକୁ ପଠାଯାଇଥିଲା। କେସିଙ୍ଗା ସହରକୁ ପାନୀୟ ଜଳ ଯୋଗାଇ ଦେବା ପାଇଁ ରାଜ୍ୟ ସରକାରଙ୍କ ଷ୍ଟେଟ ପ୍ଲାନ୍‌ରୁ ଗତ ୨୦୧୭-୧୮ ଆର୍ଥିକ ବର୍ଷରେ ଇନଟେକ୍ ୱେଲ ନିର୍ମାଣ କରିବା ପାଇଁ ୨ କୋଟି ୪ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଛି। ଏହି କାମର ଟେଣ୍ଡର ଭୁବନେଶ୍ୱର ସ୍ଥିତ ଓମ୍ ମାର୍ବଲ ପ୍ରାଇଭେଟ ଲିଃକୁ ମିଳିଛି। ତେଲ ନଦୀ ପାର୍ଶ୍ୱରେ ଜମି କ୍ରୟ କରି ଇନ୍‌ଟେକ୍ ୱେଲ ନିର୍ମାଣ ଆରମ୍ଭ କରାଯିବା ବେଳେ ବର୍ଷାଦିନେ ନଦୀର ସ୍ରୋତ ଯୋଗୁ ଏହି କାମ ବିଳମ୍ୱ ହୋଇ ଆସୁଥିବା କୁହାଯାଇଛି। ବର୍ତ୍ତମାନ ତେଲ ନଦୀର ଜଳସ୍ରୋତ କମିବାରୁ ୭୫ ଫୁଟ ବିଶିଷ୍ଟ ଇନଟେକ ୱେଲ ଯୁଦ୍ଧକାଳୀନ ଭିତ୍ତିରେ ନିର୍ମାଣ ଚାଲିଛି। ଏ ସଂକ୍ରାନ୍ତରେ ଓମ୍ ମାର୍ବଲ ପ୍ରା. ଲିଃର ଠିକାଦାରଙ୍କୁ ପଚାରିବାରୁ ଦୁଇ ତିନି ମାସରେ ଏହି କାମ ସମ୍ପୂର୍ଣ୍ଣ ହେବ ବୋଲି ପ୍ରକାଶ କରିଥିଲେ।

